# NATIONAL NEWS BULLETIN (ODIA)

## 2 October - 2026

## Mid Bulletin : 1.50 p.m.

---

# ମୁଖ୍ୟ ସମ୍ବାଦ

- ଫ୍ଲାଏ ଦୁବାଇ ବିମାନର ସାହସୀ ଭାରତୀୟ ପାଇଲଟ କ୍ୟାପ୍‌ଟେନ୍ ସ୍ମିତ ମଚ୍ଛାରଙ୍କ ସହ କଥାହେଲେ ପ୍ରଧାନମନ୍ତ୍ରୀ ।

\- ଡାକ୍ତରୀ ଅନୁମତି ମିଳିବା ପରେ ଉଭୟ ପାଇଲଟଙ୍କୁ କରାଗଲା ଆବୁଧାବି ସ୍ଥାନାନ୍ତର ।

- ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀରେ ଦେଶ ଜଣାଉଛି ଶ୍ରଦ୍ଧାଞ୍ଜଳି ।

\- ରାଜଘାଟରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଯୋଗଦେଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ଆମେରିକାର ମିଲ୍‌ୱାକିଠାରେ ଅନୁଷ୍ଠିତ ଜି-୨୦ ବାଣିଜ୍ୟ ମନ୍ତ୍ରୀସ୍ତରୀୟ ବୈଠକ ଅବସରରେ ବିଭିନ୍ନ ଦେଶର ପ୍ରତିପକ୍ଷଙ୍କ ସହ ସାକ୍ଷାତ୍ ଆଲୋଚନା କଲେ ବାଣିଜ୍ୟ ମନ୍ତ୍ରୀ ।

ଏବଂ

- ଏସୀୟ କ୍ରୀଡ଼ାରେ ଭାରତର ମହିଳା ମୁଷ୍ଟିଯୋଦ୍ଧା ଲଭ୍‌ଲିନା ବୋର୍ଗୋହେଁ ସ୍ୱର୍ଣ୍ଣପଦକ ଜିତି ରଚିଲେ ଇତିହାସ ।

## ପିଏମ୍-ସ୍ମିତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାହସୀ ଭାରତୀୟ ପାଇଲଟ କ୍ୟାପ୍‌ଟେନ୍ ସ୍ମିତ ମଚ୍ଛାରଙ୍କ ସହ କଥା ହୋଇଛନ୍ତି । ଦୁବାଇରୁ ତେଲଅବିବ୍ ଯାଉଥିବା ଫ୍ଲାଏ ଦୁବାଇ ବିମାନରେ ସହ-ପାଇଲଟଙ୍କ ଆକ୍ରମଣକୁ ପ୍ରତିହତ କରି ୧୮୦ଜଣ ଯାତ୍ରୀଙ୍କ ଜୀବନ ରକ୍ଷା କରିଥିବା କ୍ୟାପ୍‌ଟେନ୍ ସ୍ମିତ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କର ଅଭିଜ୍ଞତା ସମ୍ପର୍କରେ ବିସ୍ତୃତ ଭାବେ ଜଣାଇଥିଲେ । ପ୍ରଧାନମନ୍ତ୍ରୀ କ୍ୟାପ୍‌ଟେନ୍ ସ୍ମିତ୍‌ଙ୍କ ସାହସୀକତାକୁ ପ୍ରଶଂସା କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ପାଇଲଟ-ଆସଲ୍ଟ

ଫ୍ଲାଏ ଦୁବାଇ ବିମାନ ଏଫ୍-ଜେଡ୍ ୧୦୭୩ର ସାହସୀ ପାଇଲଟ କ୍ୟାପ୍‌ଟେନ୍ ସ୍ମିତ ମଚ୍ଛାରଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ସହ ପାଇଲଟଙ୍କୁ ଆବୁଧାବି ସ୍ଥାନାନ୍ତର କରାଯାଇଛି । ସାଉଦୀ ଆରବର ଗୃହ ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ ସୂଚନା ଅନୁସାରେ ଡାକ୍ତରୀ ଅନୁମତି ମିଳିବା ପରେ ଦୁଇ ପାଇଲଟଙ୍କୁ ଆବୁଧାବି ସ୍ଥାନାନ୍ତର କରାଯାଇଛି । ଆବୁଧାବିରେ ଥିବା ଭାରତୀୟ ଦୂତାବାସ ସୂଚନା ଅନୁସାରେ କ୍ୟାପ୍‌ଟେନ୍ ସ୍ମିତଙ୍କୁ ୟୁଏଇ ଅଣାଯାଇଛି  ଏବଂ ସେ ସୁସ୍ଥ ହେଉଛନ୍ତି । ବୁଧବାର ସକାଳ ୯ଟା ୪୫ ମିନିଟ୍ ସମୟରେ ତବୁକସ୍ଥିତ ପ୍ରିନ୍ସ ସୁଲତାନ ବିନ୍ ଅବଦୁଲ ଅଜିଜ୍

ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୧୭୪ଜଣ ଯାତ୍ରୀ ଏବଂ ୮ଜଣିଆ କ୍ରୁ ସଦସ୍ୟଙ୍କ ସହ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିଲା । ଯେଉଁମାନଙ୍କୁ ସମସ୍ତ ଆବଶ୍ୟକୀୟ ପରିବହନ ଏବଂ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଥିଲା । ସଂଧ୍ୟା ୫ଟା ୪୦ରେ ଯାତ୍ରୀମାନେ ଏକ ବିକଳ୍ପ ଫ୍ଲାଏ ଦୁବାଇ ବିମାନରେ ସେମାନଙ୍କର ଯାତ୍ରା ଜାରି ରଖିଥିଲେ ଏବଂ ବିମାନର ଅନ୍ୟ କର୍ମଚାରୀମାନେ  ଅନ୍ୟଏକ ବିମାନରେ ଦୁବାଇ ଫେରିଥିଲେ । କ୍ୟାପ୍ଟେନ୍ ଏବଂ ସହ ପାଇଲଟଙ୍କୁ ଡାକ୍ତରୀ ମୂଲ୍ୟାଙ୍କନ ଏବଂ ଚିକିତ୍ସା ପାଇଁ ସ୍ଥାନୀୟ ଚିକିତ୍ସାଳୟକୁ ନିଆଯାଇଥିଲା । ଡାକ୍ତରୀ ଅନୁମତି ପାଇବା ପରେ ଗୁରୁବାର ଦିନ ୟୁଏଇ ସୁରକ୍ଷା ଦଳର ସହାୟତାରେ ଦୁଇ ପାଇଲଟ ସାଉଦୀ ଆରବରୁ ଆବୁଧାବି ଯାତ୍ରା କରିଥିଲେ ।

## ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀ

ଦେଶ ଆଜି ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜନ୍ମବାର୍ଷିକୀ ଗାନ୍ଧୀ ଜୟନ୍ତୀ ଅବସରରେ ଦେଶ ଏବଂ ବିଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଦିଲ୍ଲୀର ରାଜଘାଟରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଏକ ସର୍ବଧର୍ମ ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସର୍ବଧର୍ମ ପ୍ରାର୍ଥନା ସଭାରେ ଯୋଗଦେବା ସହ ଜାତିର ପିତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବାଚସ୍ପତି ଓମ୍ ବିର୍ଲା ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଧ୍ୟ ବାପୁଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ୧୨୨ତମ ଜନ୍ମବାର୍ଷିକୀରେ ମଧ୍ୟ ଦେଶବ୍ୟାପୀ ସଭାସମିତିମାନ ଆୟୋଜନ କରାଯାଉଛି। ଆଜି ନୂଆଦିଲ୍ଲୀର ସମ୍ବିଧାନ ଭବନଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଜେ.ପି. ନଡ୍ଡା, କିରେନ ରିଜିଜୁ ଏବଂ ଏଲ୍. ମୁରୁଗାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବିଜେପି ଅଧ୍ୟକ୍ଷ ନୀତିନ ନବୀନ, ରାଜ୍ୟସଭାରେ ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେ, ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ବହୁ ସାଂସଦ, ବରିଷ୍ଠ ଅଧିକାରୀ ଏବଂ ସ୍କୁଲ ଛାତ୍ରଛାତ୍ରୀ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମହାତ୍ମା ଗାନ୍ଧୀଙ୍କୁ ତାଙ୍କର ୧୫୭ତମ ଜୟନ୍ତୀ ଏବଂ ଲାଲବାହାଦୂର ଶାସ୍ତ୍ରୀଙ୍କ ୧୨୨ତମ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ମହାତ୍ମା ଗାନ୍ଧୀ ସ୍ୱରାଜକୁ ସ୍ୱାଧୀନତା ପ୍ରାପ୍ତିର କେବଳ ଏକ ଲକ୍ଷ୍ୟ

ରଖିନଥିଲେ ବରଂ ଆତ୍ମ ସମ୍ମାନ ଏବଂ ଆତ୍ମ ନିର୍ଭରଶୀଳ ଭାରତର ମୁଳଦୁଆ ଭାବେ ଦେଖୁଥିଲେ ।

## ମହାରାଷ୍ଟ୍ର ଆକ୍ସିଡେଣ୍ଟ

ମହାରାଷ୍ଟ୍ରର ଅମରାବତୀ ଜିଲ୍ଲା ଧାମନଗାଓଁ ରେଳବାଇ ନିକଟସ୍ଥ ନାଗପୁର-ମୁମ୍ବାଇ ସମୃଦ୍ଧି ଏକ୍ସପ୍ରେସ୍ ୱେରେ ଆଜି ସକାଳେ ଏକ ଟ୍ରକ୍ ଏବଂ ଟେମ୍ପୋ ମଧ୍ୟରେ ଧକ୍କାହେବା ଫଳରେ ୫ଜଣଙ୍କର ମୃତ୍ୟୁ ଘଟିଛି । ଏଥିସହ ୨୧ଜଣ ମଧ୍ୟ ଆହତ ହୋଇଛନ୍ତି । ଆହତମାନଙ୍କୁ ଧାମନଗାଓଁ ଗ୍ରାମୀଣ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ପରେ କିଛି ଗୁରୁତରଙ୍କୁ ୱାର୍ଦ୍ଧାସ୍ଥିତ ମେଡ଼ିକାଲ କଲେଜ ହସ୍ପିଟାଲକୁ ପଠାଯାଇଛି । ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିସ୍ତୃତ ତଦନ୍ତ ଚଳାଇଛି ।

## ଗୋଏଲ-ଜି୨୦

ଆମେରିକାର ମିଲ୍‌ୱାକିଠାରେ ଅନୁଷ୍ଠିତ ଜି-୨୦ ବାଣିଜ୍ୟ ମନ୍ତ୍ରୀସ୍ତରୀୟ ବୈଠକ ଅବସରରେ କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୁଷ ଗୋଏଲ ଫ୍ରାନ୍ସ, କାନାଡ଼ା,ସାଉଦୀ ଆରବ ଏବଂ ଦକ୍ଷିଣ କୋରିଆର ବାଣିଜ୍ୟ ମନ୍ତ୍ରୀମାନଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଛନ୍ତି । ସମ୍ପୃକ୍ତ ଦେଶଗୁଡ଼ିକ ସହିତ ଦ୍ୱିପାକ୍ଷିକ ବାଣିଜ୍ୟକୁ ଅଧିକ ସୁଦୃଢ଼ କରିବା

ନେଇ ଆଲୋଚନା ହୋଇଛି । ଫ୍ରାନ୍ସର ବୈଦେଶିକ ବାଣିଜ୍ୟ ମନ୍ତ୍ରୀ ନିକୋଲାସ୍ ଫୋରିସିୟରଙ୍କ ସହ ବୈଠକ ସମୟରେ ଶ୍ରୀ ଗୋଏଲ ବାଣିଜ୍ୟ ଏବଂ ନିବେଶ ସମ୍ପର୍କର ସମ୍ପ୍ରସାରଣ, ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ତ୍ୱରାନ୍ୱିତ କରିବା, ଏରୋସ୍ପେସ୍ ଉତ୍ପାଦନ ଓ ୟୁପିଆଇ ସଂଯୋଗୀକରଣ ତଥା ମିଳିତ ନବନ୍ୱେଷ କ୍ଷେତ୍ରରେ ସହଯୋଗକୁ ବ୍ୟାପକ କରିବା ନେଇ ଆଲୋଚନା କରିଥିଲେ ।

ଶ୍ରୀ ଗୋଏଲ କାନାଡାର ଅନ୍ତର୍ଜାତୀୟ ବାଣିଜ୍ୟ ମନ୍ତ୍ରୀ ମନିନ୍ଦର ସିଦ୍ଧୁଙ୍କ ସହ ମଧ୍ୟ ଫଳପ୍ରଦ ବୈଠକ କରିଛନ୍ତି । ଉଭୟ ମନ୍ତ୍ରୀ ଭାରତ-କାନାଡା ବ୍ୟାପକ ଆର୍ଥିକ ଅଂଶୀଦାରିତା ଚୁକ୍ତି ପାଇଁ ଚାଲିଥିବା ବାର୍ତ୍ତାଳପର ସମୀକ୍ଷା କରିବା ସହ ଆଲୋଚନାକୁ ତ୍ୱରାନ୍ୱିତ କରିବାକୁ ସେମାନଙ୍କର ପ୍ରତିବଦ୍ଧତା ଦୋହରାଇଥିଲେ । ଗତ ମାର୍ଚ୍ଚ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ କାନାଡା ପ୍ରତିପକ୍ଷ ମାର୍କ କାର୍ଣ୍ଣିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଚୁକ୍ତିନାମାର ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୫୦ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚାଇବା । ସାଉଦୀ ଆରବର ବାଣିଜ୍ୟ ମନ୍ତ୍ରୀ ମାଜିଦ୍ ବିନ୍ ଅବଦୁଲ୍ଲା ଅଲ୍-କସାବି ଙ୍କ ସହ ବୈଠକରେ ଶ୍ରୀ ଗୋଏଲ ଭାରତ ଉପସାଗରୀୟ ସହଯୋଗ ପରିଷଦ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ । ଏତଦ୍‌ବ୍ୟତୀତ ଶ୍ରୀ ଗୋଏଲ ଦକ୍ଷିଣ କୋରିଆ ବାଣିଜ୍ୟମନ୍ତ୍ରୀ  ପାର୍କ ଜୁଙ୍ଗ-ସୁଙ୍ଗଙ୍କୁ ମଧ୍ୟ

ଭେଟିଥିଲେ । ପ୍ରସ୍ତାବିତ ଭାରତ-କୋରିଆ ବ୍ୟାପକ ଆର୍ଥିକ ଅଂଶୀଦାରିତା ଚୁକ୍ତିର ସଂଶୋଧନ, ଉନ୍ନତିକରଣ, ସନ୍ତୁଳିତ ବାଣିଜ୍ୟ ଅଭିବୃଦ୍ଧି ଏବଂ ଭାରତୀୟ କୃଷି, ଫାର୍ମାସ୍ୟୁଟିକାଲ୍ସ ଓ ସାମୁଦ୍ରିକ ଉତ୍ପାଦ ପାଇଁ ବଜାର ସୁବିଧା ଆଦି ବିଷୟ ଉଭୟ ନେତାଙ୍କ ଆଲୋଚନାରେ ସ୍ଥାନ ପାଇଥିଲା ।

## ସେବା ସଂକଳ୍ପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗିକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଏହି ସ୍ୱତନ୍ତ୍ର ଧାରାବାହିକରେ ଆଜି ଆମେ ଆପଣଙ୍କୁ 'ଅଟଳ ଟନେଲ' ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛୁ ।

ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ଭୌଗୋଳିକ ପରିସ୍ଥିତି ମଧ୍ୟରେ ରୋହତଙ୍ଗ ପାସ୍ ନିକଟରେ ନିର୍ମିତ ଅଟଳ ଟନେଲ ହେଉଛି ଆଧୁନିକ ଇଞ୍ଜିନିୟରିଂ ଏବଂ ସୀମା ସଡ଼କ ସଂଗଠନ ବି.ଆର୍.ଓର ବୈଷୟିକ ଦକ୍ଷତାର ଏକ ଉଲ୍ଲେଖନୀୟ ଉଦାହରଣ । ଦେଶର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ରଣନୈତିକ ପ୍ରକଳ୍ପ ଭାବେ ଅଟଳ ଟନେଲ ହିମାଚଳ ପ୍ରଦେଶର କୁଲ୍ଲୁ ଏବଂ ଆଦିବାସୀ ବହୁଳ ଲାହୌଲ - ସ୍ପିତି ଜିଲ୍ଲା ମଧ୍ୟରେ ଯୋଗାଯୋଗ

ବ୍ୟବସ୍ଥା ଉପଲବ୍ଧ କରାଇପାରିଛି । ଏହା ରାଜ୍ୟରେ ବିକାଶ, ପର୍ଯ୍ୟଟନ ଏବଂ ରଣନୈତିକ ସଂଯୋଗୀକରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ସମୁଦ୍ରପତନଠାରୁ ପ୍ରାୟ ୧୦ହଜାର ଫୁଟ ଉଚ୍ଚତାରେ ଅବସ୍ଥିତ ଏବଂ ୯ କିଲୋମିଟରରୁ ଅଧିକ ଲମ୍ବ ବିଶିଷ୍ଟ ଏହି ଅଟଳ ଟନେଲକୁ ୩ ଅକ୍ଟୋବର ୨୦୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଥିଲେ । ଏହି ପ୍ରକଳ୍ପ ପ୍ରାୟ ୩ହଜାର ୨୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ।

**V/O**

# ଏସିଆନ୍ ଗେମ୍ସ

ଜାପାନର ଆଇଚି-ନାଗୋୟାଠାରେ ଚାଲିଥିବା ଏସୀୟ କ୍ରୀଡ଼ାରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ସେମାନଙ୍କର ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି । ବକ୍ସିଂରେ ଲବ୍‌ଲିନା ବୋର୍ଗୋହେଁ ମହିଳା ୭୫ କିଲୋଗ୍ରାମ ବର୍ଗ ଫାଇନାଲରେ ଚୀନ୍‌ର ବାୟୋ ଜିଇଙ୍କୁ ୫-୦ ବ୍ୟବଧାନରେ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ୨୦୧୪ ମସିହାରେ ମେରିକମ୍‌ଙ୍କ ସ୍ୱର୍ଣ୍ଣପଦକ ପରେ ଏସୀୟ କ୍ରୀଡ଼ାରେ ମହିଳା ବକ୍ସିଂରେ ଭାରତ ପାଇଁ ଏହା ଦ୍ୱିତୀୟ ସ୍ୱର୍ଣ୍ଣପଦକ । ଏଥିପୂର୍ବରୁ ଭାରତର ମହିଳା ରିକର୍ବ ତୀରନ୍ଦାଜ ଦଳ ପ୍ରଥମ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଥିଲେ । ଅନ୍ୟପକ୍ଷରେ ପୁରୁଷ ରିକର୍ବ ତୀରନ୍ଦାଜ ଦଳଙ୍କୁ ରୌପ୍ୟପଦକରେ ସନ୍ତୁଷ୍ଟ ହେବାକୁ ପଡିଥିଲା । ମିଶ୍ରିତ ରିକର୍ବ ଦଳଗତ ତୀରନ୍ଦାଜୀ ପ୍ରତିଯୋଗିତାରେ ଭାରତ ଏକ ରୌପ୍ୟପଦକ ନିଶ୍ଚିତ କରିଛି । ନୌଚାଳନାରେ ନେତ୍ରା କୁମାନନ ମହିଳା ଡିଙ୍ଗି ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଛନ୍ତି । ୨୯ ବର୍ଷୀୟା ଏହି ଭାରତୀୟ ନାବିକା ସମଗ୍ର ପ୍ରତିଯୋଗିତାରେ ୧୪ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲେ । ଏହି ସଫଳ ପ୍ରଦର୍ଶନ ସହ ଭାରତ

ପଦକ ତାଲିକାରେ ଷଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି । ଦେଶର ମୋଟ୍ ପଦକ ସଂଖ୍ୟା ୭୧କୁ ବୃଦ୍ଧି ପାଇଛି । ଯେଉଁଥିରେ ୧୨ଟି ସ୍ୱର୍ଣ୍ଣ, ୨୫ଟି ରୌପ୍ୟ ଏବଂ ୩୪ଟି କାଂସ୍ୟ ପଦକ ଅନ୍ତର୍ଭୁକ୍ତ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ପଦକ ବିଜେତା ମାନଙ୍କୁ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ଆଜି ଅରୁଣାଚଳ ପ୍ରଦେଶରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି । ବିଭାଗର ସୂଚନା ଅନୁସାରେ ଆଗାମୀ ୨୪ଘଣ୍ଟା ମଧ୍ୟରେ ପଞ୍ଜାବ, ହରିୟାଣା, ରାଜସ୍ଥାନ, ଉତ୍ତରପ୍ରଦେଶର ଅବଶିଷ୍ଟ ଅଞ୍ଚଳ ଏବଂ ଗୁଜୁରାଟ ଓ ମଧ୍ୟପ୍ରଦେଶର ଅଧିକାଂଶ ଭାଗରୁ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ପ୍ରତ୍ୟାବର୍ତ୍ତନ ପାଇଁ ପରିସ୍ଥିତି ଅନୁକୂଳ ହେବାର ସମ୍ଭାବନା ରହିଛି ।